# NATIONAL NEWS BULLETIN (ODIA)

## 07th December - 2025

## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆସନ୍ତାକାଲି ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ସ୍ୱତନ୍ତ୍ର ଆଲୋଚନା ଆରମ୍ଭ କରିବେ ପ୍ରଧାନମନ୍ତ୍ରୀ ।

- ଅହମ୍ମଦାବାଦ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଶୀର୍ଷରେ ରହିବା ସହିତ ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନପାଇଁ ଅଧିକାର ସୁରକ୍ଷିତ କରିବ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଭାରତ ପକ୍ଷରୁ ଚଳିତ ବର୍ଷ ୟୁନେସ୍କୋ ବିରଳ ଐତିହ୍ୟ ତାଲିକାପାଇଁ 'ଆଲୋକର ପର୍ବ ଦୀପାବଳି' ମନୋନୀତ ।

- ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ।

ଏବଂ

- ଏଫ୍.ଆଇ.ଏଚ୍. ହକି ପୁରୁଷ କନିଷ୍ଠ ବିଶ୍ୱକପ୍-୨୦୨୫ର ସେମିଫାଇନାଲ୍‌ରେ ଆଜି ଭାରତ ଓ ଜର୍ମାନୀ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

## ବନ୍ଦେ ମାତରମ୍ ଡିସ୍‌କସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଲୋକସଭାରେ ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ କରିବେ । ୧୦ ଘଣ୍ଟା ବ୍ୟାପୀ ହେବାକୁ ଥିବା ଏହି ଆଲୋଚନାଚକ୍ରରେ ଭାରତୀୟ ଜନତା ଦଳକୁ ଲୋକସଭାରେ ୩ ଘଣ୍ଟା ସମୟ ଆବଣ୍ଟିତ ହୋଇଛି । ରାଜ୍ୟସଭାରେ ଆସନ୍ତା ମଙ୍ଗଳବାର ଦିନ ମଧ୍ୟ ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଆଲୋଚନାଚକ୍ର ଅନୁଷ୍ଠିତ ହେବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେଣ ରିଜିଜୁ ପୂର୍ବରୁ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଆସନ୍ତାକାଲି ମଧ୍ୟାହ୍ନ ୧୨ଟାରେ ଆଲୋଚନା ଆରମ୍ଭ ହେବ । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ଅମିତ୍ ଶାହା - ଗୁଜରାଟ

ଗୁଜରାଟର ଅହମ୍ମଦାବାଦ ଖୁବ୍‌ଶୀଘ୍ର ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଶୀର୍ଷସ୍ଥାନରେ ରହିବା ସହ ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନପାଇଁ ଅଧିକାର ସୁରକ୍ଷିତ କରିବ । ଅହମ୍ମଦାବାଦ ଗସ୍ତ ଅବସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ଅବସରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହା କହିଛନ୍ତି । ବିଗତ କିଛିବର୍ଷ ମଧ୍ୟରେ ଏହି ସହର ଅନେକ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣକୁ ଦେଖିଛି । ଅହମ୍ମଦାବାଦ' ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାପାଇଁ ପ୍ରସ୍ତୁତ ହେଉଛି ଏବଂ ଖୁବ୍‌ଶୀଘ୍ର ଏକ ବିଶାଳ ସର୍ଦ୍ଦାର ପଟେଲ୍ ସ୍ପୋର୍ଟସ୍ ଏନ୍‌କ୍ଲେଭ୍ ପ୍ରତିଷ୍ଠା ହେବ ବୋଲି ଶ୍ରୀ ଶାହା କହିଛନ୍ତି । ସେ ୮୦୦ରୁ ଅଧିକ ଆର୍ଥିକ ଅନଗ୍ରସର ବର୍ଗଙ୍କପାଇଁ ବାସଗୃହ, ବସ୍ତିବିକାଶ କାର୍ଯ୍ୟ ଏବଂ ହ୍ରଦ ଓ ଉଦ୍ୟାନ ସମେତ ବିଭିନ୍ନ ସହରାଞ୍ଚଳ ସାର୍ବଜନୀନ ସୁବିଧାର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ ୧୦୦ ଜଣ ନବନିଯୁକ୍ତ ଅଗ୍ନିଶମ କର୍ମଚାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ ।

## ଏଚ୍.ଏମ୍. - ଗୋଆ ଫାୟାର୍

ଉତ୍ତର ଗୋଆର ଆର୍‌ପୋରା ନାଇଟ୍ କ୍ଲବ ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁସଂଖ୍ୟା ୨୫କୁ ବୃଦ୍ଧି ପାଇବା ସହ ଆହତମାନଙ୍କ ଚିକିତ୍ସା ଜାରି ରହିଛି । ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଘଟଣାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା’ ଗୋଆ ନାଇଟ୍ କ୍ଲବ୍ ଦୁର୍ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ସାମାଜିକ ଗଣମାଧ୍ୟମ ପୋଷ୍ଟରେ’ ପୀଡ଼ିତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ସ୍ଥାନୀୟ ପ୍ରଶାସନ, ଉଦ୍ଧାର ଓ ଥଇଥାନ କାର୍ଯ୍ୟ କରିବା ସହ ପୀଡ଼ିତମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଆହତମାନଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି ।

## ଜୟଶଙ୍କର - ଇଣ୍ଡିଆ-ଜାପାନ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀରେ ଭାରତ-ଜାପାନ ଫୋରମ୍‌ର ଉଦ୍‌ଘାଟନୀ ଅଧିବେଶନରେ ଯୋଗ ଦେଇଛନ୍ତି । ବିକଶିତ ବିଶ୍ୱ ବ୍ୟବସ୍ଥା ଏବଂ ଭାରତ-ଜାପାନ

ସହଯୋଗ ଆବଶ୍ୟକତା ଉପରେ ଆଲୋଚନା ହୋଇଛି ବୋଲି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି ।

## ୟୁନେସ୍କୋ - ରେଡ୍ ଫୋର୍ଟ

ଭାରତ ଆସନ୍ତାକାଲିଠାରୁ ନୂଆଦିଲ୍ଲୀର ଲାଲ୍‌କିଲ୍ଲାରେ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ସଂକ୍ରାନ୍ତ ଆନ୍ତଃ ସରକାରୀ କମିଟି-ଆଇ.ସି.ଏଚ୍.ର ବିଂଶତମ ଅଧିବେଶନ ଆୟୋଜନ କରିବ । ଏହି ଅଧିବେଶନ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଭାରତ ପକ୍ଷରୁ ଚଳିତ ବର୍ଷ ୟୁନେସ୍କୋ ଅମୂଲ୍ୟ ଐତିହ୍ୟ ତାଲିକାପାଇଁ ଆଲୋକର ପର୍ବ ଦୀପାବଳିକୁ ମନୋନୀତ କରାଯାଇଛି । କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି, ପୂର୍ବରୁ ସ୍ୱାଧୀନ ମୂଲ୍ୟାଙ୍କନ ସଂସ୍ଥାଦ୍ୱାରା ସମୀକ୍ଷା କରାଯାଇଥିବା ପ୍ରସ୍ତାବ ଉପରେ ଚଳିତ ଅଧିବେଶନରେ ଆଲୋଚନା ହେବ ଏବଂ ସରକାର ଏହାର ସକାରାତ୍ମକ ଫଳାଫଳର ଆଶା ରଖିଛନ୍ତି । ଛଅଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୟୁନେସ୍କୋ ଆଇ.ସି.ଏଚ୍. ତାଲିକାରେ ଲିପିବଦ୍ଧପାଇଁ ରାଜ୍ୟଗୁଡ଼ିକ ପକ୍ଷରୁ ଦାଖଲ କରାଯାଇଥିବା ନାମାଙ୍କନଗୁଡ଼ିକର ଯାଞ୍ଚ, ସ୍ଥିତି ସମୀକ୍ଷା କରିବା ଏବଂ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦେବା କ୍ଷେତ୍ରରେ ଅନ୍ତର୍ଜାତୀୟ ସହାୟତା ପ୍ରଦାନ କରିବାର ଲକ୍ଷ୍ୟ ରହିଛି ।

# ଏସ୍.ଆଇ.ଆର୍. ଡାଟା

୯ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଘନ ଭୋଟର୍ ତାଲିକା ସଂଶୋଧନ - ଏସ୍.ଆଇ.ଆର. ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବା ପରଠାରୁ ୫୦ କୋଟି ୯୪ ଲକ୍ଷରୁ ଅଧିକ ଗଣନା ଫର୍ମ ଭୋଟର୍‌ମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଛି । ଭାରତର ନିର୍ବାଚନ ଆୟୋଗ କହିଛନ୍ତି, ଏହି ପର୍ଯ୍ୟାୟରେ ୫୧ କୋଟି ଭୋଟର୍‌ଙ୍କ ମଧ୍ୟରୁ ୯୯ ଦଶମିକ ୯/୪ ପ୍ରତିଶତଙ୍କୁ ସାମିଲ୍ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୫୦ କୋଟିରୁ ଅଧିକ ଫର୍ମ ଡିଜିଟାଇଜେସନ୍ କରାଯାଇଛି ବୋଲି ଆୟୋଗ ସୂଚନା ଦେଇଛନ୍ତି । ଗତମାସ ୪ ତାରିଖରୁ ଦେଶର ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ରାଜସ୍ଥାନ, ତାମିଲ୍‌ନାଡୁ, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ପୁଡୁଚେରୀ, ଲାକ୍ଷାଦ୍ୱୀପ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଏସ୍.ଆଇ.ଆର୍. ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ଏହି ସଂଶୋଧନ ପ୍ରକ୍ରିୟା ଆସନ୍ତାବର୍ଷ ଫେବୃୟାରୀ ୧୪ ତାରିଖରେ ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶ ସହ ଶେଷ ହେବ ବୋଲି ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# ଶକ୍ତି ନେତୃତ୍ୱ ସମ୍ମିଳନୀ

ଭୁବନେଶ୍ୱର ଆଇଆଇଟିର ସହଯୋଗରେ ଆଗାମୀ ଦିନରେ ଶକ୍ତି କ୍ଷେତ୍ରର ସୁବିନିଯୋଗ ପାଇଁ ସେଣ୍ଟର ଅଫ୍ ଏକ୍ସିଲେନ୍ସିର ପ୍ରତିଷ୍ଠା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ପୁରୀଠାରେ ଆୟୋଜିତ ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫ ଆଜି ଉଦ୍ଯାପପନୀ ସମାରୋହରେ ଓଡ଼ିଶା ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସମ୍ମିଳନୀରେ ଯୋଗଦେଇ ଏହା କହିଛନ୍ତି । ସମ୍ମିଳନୀର ଉଦ୍ଯାପନୀ ଅଧିବେଶନରେ ଶକ୍ତି କ୍ଷେତ୍ରରେ ଥିବା ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ପବନ ଶକ୍ତିରୁ ବିଦ୍ୟୁତ ଉତ୍ପାଦନ ଓ ବିନିଯୋଗ ଦିଗରେ ସରକାର କାର୍ଯ୍ୟ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଗୋପାଳପୁରଠାରେ ସବୁଜ ଉଦ୍ଯାନର ଉତ୍ପାଦନ ନେଇ କାର୍ଯ୍ୟ ଆରମ୍ଭ ହୋଇଛି। ସୌରଶକ୍ତି, ଜୁଆରଶକ୍ତି ଏବଂ ବିରଳ ମୃତ୍ତିକାର ଉପଯୋଗରେ ଶକ୍ତି ଉତ୍ପାଦନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏହି ଅବସରରେ ୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରତିବର୍ଷ ଏହି ସମ୍ମିଳନୀ ଆୟୋଜନ କରିବା ନେଇ ନୀତି ଆୟୋଗ ଅଧ୍ୟକ୍ଷ ମତ ବ୍ୟକ୍ତ କରିଛନ୍ତି। ସମ୍ମିଳନୀରେ ୬୦ରୁ ଅଧିକ ପ୍ରତିନିଧିଦଳ ଓ ୨୧ ଜଣ ବୈଷୟିକ ବିଶେଷଜ୍ଞ ଯୋଗଦେଇ ଶକ୍ତି କ୍ଷେତ୍ରରେ ଥିବା ବିଭିନ୍ନ ସମ୍ଭାବନା ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ।

## ଏମ୍.ଏନ୍.ଆର.ଇ. ଲେଣ୍ଡିଂ

ନୂତନ ଓ ନବୀକରଣୀୟ ଶକ୍ତି କ୍ଷେତ୍ରରେ ପାଣ୍ଠି ବିନିଯୋଗକୁ ବନ୍ଦ କରିବା କିମ୍ବା କରାଇବାପାଇଁ କୌଣସି ପରାମର୍ଶ ଜାରି କରାଯାଇ ନାହିଁ ବୋଲି ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ନବୀକରଣୀୟ ଶକ୍ତି କିମ୍ବା ଉପକରଣ ନିର୍ମାଣ ପ୍ରକଳ୍ପକୁ ଋଣ ଦେବା ବନ୍ଦ କରିବାକୁ ମନ୍ତ୍ରଣାଳୟ କହି ନାହିଁ । ମନ୍ତ୍ରଣାଳୟର ଉତ୍ପାଦଭିତ୍ତିକ ପ୍ରୋତ୍ସାହନ ଯୋଜନା ସମେତ ନିରନ୍ତର ନୀତିଗତ ସମର୍ଥନ ମାଧ୍ୟମରେ ବିଶ୍ୱ ସୌର ମୂଲ୍ୟ ଶୃଙ୍ଖଳରେ ଭାରତର ସ୍ଥିତିକୁ ସୁଦୃଢ଼ କରିବା ଏବଂ ସୌରଶକ୍ତି ଉତ୍ପାଦନରେ ଦେଶକୁ ଆତ୍ମନିର୍ଭର କରିବାପାଇଁ ଏହାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରାଯାଇଛି । ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ୍ ଅଣ-ଜୀବାଶ୍ମ ଇନ୍ଧନ ଲକ୍ଷ୍ୟ ପୂରଣପାଇଁ ଭାରତ ଲକ୍ଷ୍ୟ ରଖିଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଦିଲ୍ଲୀ ଏୟାରପୋର୍ଟ - ଆଡ୍‌ଭାଇଜରୀ

ଦିଲ୍ଲୀ ବିମାନ ବନ୍ଦର କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ବିମାନ ବନ୍ଦରକୁ ଯିବା ପୂର୍ବରୁ ସର୍ବଶେଷ ବିମାନ ସ୍ଥିତି ଯାଞ୍ଚ୍ କରିବାକୁ ପରାମର୍ଶ ଦେଇଛନ୍ତି ।

କର୍ତ୍ତୃପକ୍ଷ କହିଛନ୍ତି, ବିମାନ ସେବା କ୍ରମଶଃ ସ୍ୱଭାବିକ ହେଉଛି । ଯଦିଓ କିଛି ଇଣ୍ଡିଗୋ ବିମାନ ଉଡ଼ାଣ ପ୍ରଭାବିତ ହୋଇଛି, ତଥାପି ଯାତ୍ରୀଙ୍କ ସୁଗମ ଯାତ୍ରାକୁ ସୁନିଶ୍ଚିତ କରିବାପାଇଁ ସମସ୍ତ ଅଂଶୀଦାରଙ୍କ ସହ ସମନ୍ୱୟ ରଖି ପଦକ୍ଷେପ ଗ୍ରହଣ କରାଯାଉଛି । ଯାତ୍ରୀମାନେ ସରକାରୀ ୱେବ୍‌ସାଇଟ୍ www.newdelhiairport.inରୁ ବିମାନ ଉଡ଼ାଣ ସ୍ଥିତି ସମ୍ପର୍କିତ ତଥ୍ୟ ପାଇପାରିବେ ବୋଲି କର୍ତ୍ତୃପକ୍ଷ କହିଛନ୍ତି ।

## ବିମାନ ଚଳାଚଳ ଦିବସ

ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ସଂଗଠନ-ଆଇ.ସି.ଏ.ଓ. ପକ୍ଷରୁ ଆଜି ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ଦିବସ ପାଳନ କରାଯାଉଛି। ବିମାନ ଚଳାଚଳ କ୍ଷେତ୍ରରେ ବିଶ୍ୱର ସମସ୍ତ ଦେଶକୁ ବାନ୍ଧି ରଖିବା ଏବଂ ନିରାପଦ ବିମାନ ଚଳାଚଳ ସହ ବିଶ୍ୱ ଅର୍ଥନୀତିକୁ ସମୃଦ୍ଧ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଆନ୍ତର୍ଜାତିକ ବେସାମରିକ ବିମାନ ଚଳାଚଳ ଦିବସ- ୨୦୨୫ର ବାର୍ତ୍ତା ରହିଛି 'ସମସ୍ତଙ୍କ ପାଇଁ ସୁରକ୍ଷିତ ଆକାଶ ଓ ସ୍ଥାୟୀ ଭବିଷ୍ୟତ'।

## ହକି ମେନ୍ସ ଜୁନିୟର ୱାର୍ଲଡ୍ କପ୍

ଚେନ୍ନାଇର ମେୟର ରାଧାକ୍ରିଷ୍ଣନ୍ ହକି ଷ୍ଟାଡିୟମ୍‌ରେ ଏଫ୍.ଆଇ.ଏଚ୍. ହକି ପୁରୁଷ କନିଷ୍ଠ ବିଶ୍ୱକପ୍-୨୦୨୫ର ସେମିଫାଇନାଲ୍ ମ୍ୟାଚ୍ ଭାରତ ଓ ଜର୍ମାନୀ ମଧ୍ୟରେ ଖେଳାଯିବ । ଏହି ମ୍ୟାଚ୍ ଆଜି ରାତି ୮ଟାରେ ଆରମ୍ଭ ହେବ । କ୍ୱାର୍ଟର ଫାଇନାଲ୍‌ରେ ପେନାଲ୍‌ଟି ସୁଟ୍‌ଆଉଟ୍‌ରେ ବେଲ୍‌ଜିୟମ୍‌କୁ ପରାସ୍ତ କରି ଭାରତ ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଦୁଇଥର ଚାମ୍ପିୟନ୍ ଭାରତ ୨୦୧୬ ପରେ ପ୍ରଥମ ଟାଇଟଲ୍‌ପାଇଁ ଲକ୍ଷ୍ୟ ରଖିଛି । ଅନ୍ୟପକ୍ଷରେ ଗତଥରର ଚାମ୍ପିୟନ୍ ଜର୍ମାନୀ ୭ଟି ଟାଇଟଲ୍ ସହ ଟୁର୍ଣ୍ଣାମେଣ୍ଟ ଇତିହାସରେ ସବୁଠାରୁ ସଫଳ ଦଳ ଭାବେ ସେମିଫାଇନାଲ୍ ଖେଳୁଛି ।

## ବ୍ୟାଡ୍‌ମିଣ୍ଟନ - ଗୁଆହାଟୀ ମାଷ୍ଟର୍ସ-୨୦୨୫

ଗୁଆହାଟୀ ମାଷ୍ଟର୍ସ-୨୦୨୫ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତର ସଂସ୍କାର ସାରସ୍ୱତ ପୁରୁଷ ସିଙ୍ଗଲ୍‌ସ ଟାଇଟଲ୍ ବିଜୟୀ ହୋଇଛନ୍ତି । ଫାଇନାଲ୍‌ରେ ସେ ସ୍ୱଦେଶ ଖେଳାଳି ମିଥୁନ ମଞ୍ଜୁନାଥଙ୍କୁ ୨୧-୧୧, ୧୭-୨୧ ଓ ୨୧-୧୩ ସେଟ୍‌ରେ ପରାସ୍ତ କରିଛନ୍ତି । ଏହି ବିଜୟ ସଂସ୍କାରଙ୍କ ପ୍ରଥମ ସୁପର ହଣ୍ଡ୍ରେଡ୍ ଟାଇଟଲ୍ ।

ପୁରୁଷ ଡବଲ୍‌ସରେ ଭାରତୀୟ ଯୋଡ଼ି ପୃଥ୍ୱୀ କିଷ୍ଣମୂର୍ତ୍ତି ରଏ ଓ କେ. ସାଇ ପ୍ରତୀକ୍’ ମାଲେସିଆ ଯୋଡ଼ି ଆରୋନ୍ ଡାଇ ଓ କାଙ୍ଗ୍ ଖାଇ ଜିଙ୍ଗ୍’ଙ୍କଠାରୁ ଫାଇନାଲ୍‌ରେ ପରାସ୍ତ ହୋଇଛନ୍ତି ।

*****